# ତହସିଲ କାର୍ଯ୍ୟାଳୟ, ବୌଦ୍ଧ, ଜିଲ୍ଲା-ବୌଦ୍ଧ

(ଲଘୁ ଖଣିଜ ଦ୍ରବ୍ୟ ସକାଶେ ଲିଜ ଇସ୍ତାହାର)

ବିଜ୍ଞପ୍ତି ସଂଖ୍ୟା 2359 / ତାରିଖ 10.06. / ୨୦୨୨

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ସକାଶେ ଜଣାଇ ଦିଆଯାଉଅଛି ଯେ, ଓଡିଶା ସରକାରଙ୍କ ରାଜସ୍ୱ ବିଭାଗ ଓ ବିପର୍ଯ୍ୟୟ ପରିଚାଳନା ଅଧିନସ୍ଥ ବୌଦ୍ଧ ତହସିଲ ଅନ୍ତର୍ଗତ ବିଭିନ୍ନ ଲଘୁ ଖଣିଜ ଖାଦାନ ଗୁଡିକ ଆସନ୍ତା ୫ (ପାଞ୍ଚ) ବର୍ଷ ନିମନ୍ତେ ଲିଜ ପାଇଁ ତହସିଲଦାର, ବୌଦ୍ଧ ଦ୍ୱାରା ନିଲାମ କରାଯିବା ପାଇଁ ସ୍ଥିରୀକୃତ ହୋଇଛି। ଇଚ୍ଛୁକ ବ୍ୟକ୍ତି ବିଶେଷ OMMC (Amendment) Rules, 2016 ର Form- M ପୂରଣ ପୂର୍ବକ ତିନି କପି ସହିତ ଟ° ୧୦୦୦.୦୦ (ଏକ ହଜାର ଟଙ୍କା)ର ଟ୍ରେଜେରୀ ଚାଲାନ ତଥା ଆବଶ୍ୟକ ଦଲିଲ ସଲଗ୍ନ କରି ଜଉମୁଦା ଲଫାଫାରେ ଏହି ତହସିଲ କାର୍ଯ୍ୟାଳୟରେ ଆବେଦନ କରି ପାରିବେ ଯାହାକି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ତା 13.06.2022 ରିଖ ଠାରୁ ତା 29.06.2022 ଅପରାହ୍ନ 05.00 ଘଟିକା ପର୍ଯ୍ୟନ୍ତ କେବଳ କାର୍ଯ୍ୟ ଦିବସ ଓ ସମୟ ମଧରେ କାର୍ଯ୍ୟାଳୟର ଡ୍ରପ ବକ୍ସରେ ପକାଇ ପାରିବେ ଏବଂ ତା 30.06.2022 ରିଖ ପୂର୍ବାହ୍ନ 11.00 ଘଟିକା ସମୟରେ ଲିଜ ଦରଖାସ୍ତକାରୀ କିମ୍ବା ତାଙ୍କର ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତ ଗୁଡିକୁ ତନଖି କରାଯାଇ ସର୍ବୋଚ ଲିଜ ଦରଖାସ୍ତକୁ ବିଚାରକୁ ନିଆଯାଇ ଲିଜ ପ୍ରଦାନ କରିବାର ବ୍ୟବସ୍ଥା କରାଯିବ ତଥା ଅସମ୍ପୂର୍ଣ୍ଣ ଦରଖାସ୍ତ ଗୁଡିକ ଖାରଜ କରାଯିବ । ଏଣୁ ଧାର୍ଯ୍ୟ ତାରିଖ ତଥା ସମୟରେ ଦରଖାସ୍ତକାରୀ କିମ୍ବା ତାଙ୍କର ପ୍ରତିନିଧି ଉପସ୍ଥିତ ରହିବାକୁ ଅନୁରୋଧ। ଯଦି ଉପସ୍ଥିତ ନ ରହନ୍ତି ତାହେଲେ କେହି ଦାୟୀ ରହିବେ ନାହିଁ। ଧାର୍ଯ୍ୟ ତାରିଖ ଓ ସମୟ ଅତିବାହିତ ହେଲାପରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ। ଏ ସଂକ୍ରାନ୍ତିୟ ସମ୍ପୂର୍ଣ୍ଣ ବିବରଣୀ ଇତ୍ୟାଦି ତହସିଲ ଅଫିସ, ବୌଦ୍ଧ ତଥା ବୌଦ୍ଧ ଜିଲ୍ଲା Web Site- **www.boudh.nic.in** ରେ ଉପଲବ୍ଧ ହେବ ।

ବିଦ୍ର :- କୌଣସି ସୂଚନା ନ ଦେଇ ଦରକାର ପଡିଲେ ତହସିଲଦାର, ବୌଦ୍ଧ ଲିଜ ତାରିଖକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସ୍ଥଗିତ ରଖି ପାରିବେ ।

10/6/22

ତହସିଲଦାର, ବୌଦ୍ଧ

TAHASILDAR
BOUDH

# ଟହସିଲ କାର୍ଯ୍ୟାଳୟ, ବୌଦ୍ଧ , ଜିଲ୍ଲା-ବୌଦ୍ଧ

{ଲଘୁ ଖଣିଜ (ବାଲି ଖାଦାନ) ର ୫ ବର୍ଷିଆ ଲିଜ ନିମନ୍ତେ ଜଉମୁଦ ଟେଣ୍ଡର ଆହ୍ୱାନ}

ଇସ୍ତାହାର ସଂଖ୍ୟା 2360 / ତାରିଖ 10.06 / ୨୦୨୨

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ସକାଶେ ଜଣାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ଲଘୁ ଖଣିଜ ଉସଗୁଡିକ ଟେଣ୍ଡର ମାଧ୍ୟମରେ ଦୀର୍ଘମିଆଦି ସୂତ୍ରେ ୫ବର୍ଷ ଲିଜ ନିମନ୍ତେ ଜଉମୁଦ ଟେଣ୍ଡର କରାଯାଇଛି । ଲିଜ ଅବଧି ଓଡିଶା ଲଘୁ ଖଣିଜ ଦ୍ରବ୍ୟ ନିୟମ ୨୦୧୬ ଅନୁସାରେ ସେସ ପ୍ରକ୍ରିୟା କାରଣ (ପରିବେଶ ମଞ୍ଜୁରୀ)ଠାରୁ ଆରମ୍ଭ ହେବ । ଏଥିପାଇଁ ନିର୍ଦ୍ଦିଷ୍ଟ ଫାରମରେ ଇଚ୍ଛୁକ ବ୍ୟକ୍ତିମାନେ ଆବେଦନ କରିପାରିବେ । ପୃଥକ ସଇରାତ ଉତ୍ସ ପାଇଁ ପୃଥକ ଫାରମରେ ଟେଣ୍ଡର କାଗଜାତ ଦାଖଲ କରିବାକୁ ପଡିବ । ଟେଣ୍ଡର ଫାରମ ସହିତ ସବିଶେଷ ବିବରଣୀ ଟଂ ୧୦୦୦.୦୦ ମୂଲ୍ୟରେ ତହସିଲ କାର୍ଯ୍ୟାଳୟ ରୁ ତା 13.06.2022 ଠାରୁ ତା 29.06.2022 ରିଖ ଅପରାହ୍ନ 05.00 ଘଟିକା ପର୍ଯ୍ୟନ୍ତ କେବଳ କାର୍ଯ୍ୟ ଦିବସ ଓ ସମୟ ମଧ୍ୟରେ ତହସିଲ କାର୍ଯ୍ୟାଳୟର ନିଜାରତ ଶାଖାରେ ମିଳିପାରିବ ଏବଂ ତା. 30.06.2022 ରିଖ ଦିନ ପୂର୍ବାହ୍ନ 11.00 ଘଟିକା ସମୟରେ ତହସିଲ କାର୍ଯ୍ୟାଳୟ, ବୌଦ୍ଧରେ ଦରଖାସ୍ତ ଗୁଡିକ ତନଖି କରାଯିବ । ସବିଶେଷ ବିବରଣୀ (ସର୍ତାବଳୀ, ଚୟନ ପ୍ରଣାଳୀ) ଜାଣିବା ପାଇଁ ତହସିଲ କାର୍ଯ୍ୟାଳୟ, ବୌଦ୍ଧର ତଉଜି ଶାଖା, ସମସ୍ତ ରାଜସ୍ୱ ନିରିକ୍ଷକଙ୍କ କାର୍ଯ୍ୟାଳୟରେ ଯୋଗାଯୋଗ କରନ୍ତୁ କିମ୍ବା www.boudh.nic.in ୱେବସାଇଟ ଲଗଅନ କରନ୍ତୁ । ଏହି ଉସ ଗୁଡିକ ମଧ୍ୟରୁ ଏକ ବା ଏକାଧିକ ଖଣିଜ ଉସର ଟେଣ୍ଡର ପ୍ରକ୍ରିୟା ନିମ୍ନସ୍ୱାକ୍ଷରକାରୀ କିମ୍ବା ତାଙ୍କ ଉଚ୍ଚ କର୍ତ୍ତୃପକ୍ଷ କାରଣ ନ ଦର୍ଶାଇ ରଦ୍ଦ କରିପାରିବେ ।

ଖଣିଜ ଉସର ତଫସିଲଭୁକ୍ତ ଜମିର ବିବରଣୀ

| କ୍ର. ନଂ | ସଇରାତ ଉସର ନାମ | ମୌଜା | ଖାତା ନଂ | ପ୍ଲଟ ନଂ | କିସମ | ଲିଜ ରକବା (ଏକରରେ) | MGQ (approx.) in cm ପ୍ରଥମ ବର୍ଷ | ରୟାଲିଟି (ଘନ ମିଟର ପ୍ରତି) (ଟଙ୍କା ଆକାରରେ) | ଅତିରିକ୍ତ ଦେୟ/ ଘନ ମିଟର ପ୍ରତି (ଟଙ୍କା ଆକାରରେ ) | ବାଙ୍କ ଗ୍ୟାରେଣ୍ଟି (ଟଙ୍କା ଆକାରରେ) | ଅର୍ଜିତ ରାଶି(EMD) (ଟଙ୍କା ଆକାରରେ) |
|---|---|---|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 | 12 |
| 1 | ଯମଟାଙ୍ଗି ବାଲିଘାଟ | ଯମଟାଙ୍ଗି | 188 | 553 | ନଦୀ | 6.64 | 8500 | 35.00 | 20.00 | 467500.00 | 23375.00 |
| | | | | 410 | ନଦୀ | 5.36 | | | | | |
| 2 | ଅମୁର୍ଡା ବାଲିଘାଟ | ଅମୁର୍ଡା | 113 | 09 | ନଦୀ | 5.00 | 9500 | 35.00 | 20.00 | 522500.00 | 26125.00 |
| 3 | ଦାମୋଦର ପୁର ପଥର | ଦାମୋଦରପୁର | 161 | 2 | ପଥର | 0.60 | 1056 | 135.00 | 101.00 | 249216.00 | 12461.00 |
| | | | | 17 | ଚଟାଣ | 2.30 | | | | | |

10/6/22

ତହସିଲଦାର, ବୌଦ୍ଧ

TAHASILDAR
BOUDH

## ଆବଶ୍ୟକୀୟ ଦଲିଲ ବିବରଣୀ

1. ଟ. 1000.00 ର (ଏକ ହଜାର ଟଙ୍କା)ର ଟ୍ରେଜେରୀ ଚାଲାନ । Head of Account- 0853-Nonferrous Mining Metallurgical industries-102-mineral concession fees rents & royalties. ଏହା ଫେରସ୍ତ କରାଯିବ ନାହିଁ ।

2. ନିଜ ନାମରେ କୌଣସି ପ୍ରକାର ମାଇନିଙ୍ଗ ଦେୟ ବକେୟା ନଥିବା ସତ୍ୟପାଠ।

3. GST Clearance Certificate.

4. ଦରଖାସ୍ତ କରୁଥିବା ଲଘୁ ଖଣିଜ ଉତ୍ସର ସଂପୂର୍ଣ୍ଣ ବିବରଣୀ, ଏହି ବିଜ୍ଞାପନରେ ଥିବା ଉତ୍ସର ନାମ, ଖାତା ନଂ, ପ୍ଲଟ ନଂ., ରକବା ଏବଂ କିସମର ସଠିକ ତଥ୍ୟ ତଥା ସଂପୂର୍ଣ୍ଣ ତଫସିଲ ସହିତ ଏକକିତା ନକଲ ସଲଗ୍ନ କରିବେ ।

5. ସାରଣୀରେ ସ୍ତମ୍ଭ ୧୨ ରେ ଦର୍ଶିତ EMD ମୂଲ୍ୟ ର Bank Demand Draft Tahasildar, Boudh & payble at SBI, Boudh ଙ୍କ ନାମେ ପ୍ରସ୍ତୁତ କରି ସଲଗ୍ନ କରିବେ । ଯୋଗ୍ୟ ବିବେଚିତ ହୋଇପାରି ନଥିବା ନିଲାମଧାରୀଙ୍କ EMD ଟଙ୍କା ଉକ୍ତ ଉତ୍ସ ର ବନ୍ଦୋବସ୍ତ ସ୍ଥିରୀକୃତ ହେଲାପରେ ଓ ବ୍ୟକ୍ତିବିଶେଷଙ୍କ ଠାରୁ ଦରଖାସ୍ତ ପ୍ରାପ୍ତ ହେଲାପରେ ଫେରସ୍ତ କରାଯିବ ।

6. Bank guarantee (18 month validity)ଦାଖଲ କରିବେ ।

7. Copy of IT return clearance certificate (ବିଗତ 2 ବର୍ଷ) ଏବଂ GST Registration Certificate.

8. ନିଜ ନାମରେ କୌଣସି ଅପରାଧିକ ମାମଲା ନଥିବା ସତ୍ୟପାଠ ।

9. ନିଜର ଆଧାର କାର୍ଡ ଓ ଭୋଟର ପରିଚୟ ପତ୍ରର ନକଲ ଦାଖଲ କରିବେ ।

10/6/22

TAHASILDAR
BOUDH

## ସର୍ତ୍ତାବଳୀ

1. ଆବେଦନକାରୀମାନେ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ ୨୦୧୬ (OMMC Rules, 2016) ର ପରିସର ଭୁକ୍ତ ରହିବେ ।
2. ଲିଜରେ ଭାଗନେବା ପୂର୍ବରୁ ଲଘୁ ଖଣିଜ ପଦାର୍ଥ ପରିଦର୍ଶନ କରି ସଇରାତ ପରିଚାଳନା ପାଇଁ ଗମନାଗମନ ସୁବିଧା ଗଚ୍ଛିତ ଥିବା ଖଣିଜ ପଦାର୍ଥ ଓ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଲିଜ ରେ ଅଂଶ ଗ୍ରହଣ କରିବେ ।
3. ଲିଜ ରେ ସଇରାତ ଚଳାଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣ କରାଯିବ ନାହିଁ କିମ୍ବା କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।
4. ଲିଜ ଦିଆଯାଇଥିବା ଧାର୍ଯ୍ୟ ସମୟ ମଧ୍ୟରେ କୌଣସି ପ୍ରାକୃତିକ ବିପର୍ଯ୍ୟୟ ପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।
5. ପ୍ରତ୍ୟେକ ଉତ୍ସ ପାଇଁ ଅଲଗା ଲଫାପାରେ ଓ ଲଫାପା ଉପରେ ଉତ୍ସର ନାମ ଉଲ୍ଲେଖ କରିବେ ।
6. Mining Plan ରେ ଦର୍ଶାଯାଇଥିବା ଗଚ୍ଛିତ ଖଣିଜ ଦ୍ରବ୍ୟ ର ପରିମାଣ ତଥା ଲିଜଧାରୀଙ୍କ ଦ୍ଵାରା ଦର୍ଶାଯାଇଥିବା ଏକକ ରୟାଲିଟି ରାଶିକୁ ଗୁଣନ କଲେ ଯେଉଁ ପରିମାଣ ଅର୍ଥ ହେବ, ଉକ୍ତ ରାଶି Environment Clearance ଆଣି ସାରିଲାପରେ ପଇଠ କରିବେ । ସମ୍ପୂର୍ଣ୍ଣ ରାଶି ପଇଠ ହେଲାପରେ ଲିଜ ଧାରୀ ରେଜିଷ୍ଟ୍ରେଶନ ଆକ୍ଟ ୧୯୦୮ ଓ ଷ୍ଟାମ୍ପ ଆକ୍ଟ ୧୮୯୯ ଅନୁଯାୟୀ ଚୁକ୍ତିପତ୍ର (Execution of Lease deed) ସମ୍ପାଦନ କରିବେ ।
7. ଅମାନତ ରାଶିର ପରିମାଣ ଲିଜ ଶେଷ ପରେ ସ୍ଥିର କରାଯିବ ।
8. ଲିଜଧାରୀ ମାନେ Mining Plan ରେ ଥିବା MGQ ପରିମାଣକୁ ନେଇ ବିଭିନ୍ନ ଦେୟ ପଇଠ କରିବେ।
9. ଲିଜଧାରୀ ସମ୍ପୃକ୍ତ ଅଧିକାରୀଙ୍କ ଦ୍ଵାରା ଧାର୍ଯ୍ୟ ହୋଇଥିବା ଅମାନତ ରାଶି ଲିଜ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବାର ୭ ଦିନ ମଧ୍ୟରେ ଡିମାଣ୍ଡ ଡ୍ରାଫ୍ଟ / ନଗଦ ଟଙ୍କା ଆକାରରେ ଜମା କରିପାରିବେ ।
10. ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ପରିବେଶ ମଞ୍ଜୁରିପତ୍ର ଦାଖଲ ନକଲେ ଅମାନତ ରାଶି ବ୍ୟାଜପ୍ତ କରାଯିବ ।
11. ପରିବେଶ ସମ୍ବନ୍ଧୀୟ ଅନୁମତି ଲିଜଧାରୀ ନିଜ ଦାଇତ୍ଵ ରେ ହାସଲ କରିବେ ।
12. ପୁନଶ୍ଚ ନିୟମାବଳୀ ଅନୁଯାଇ ଆବଶ୍ୟକ ସ୍ଥଳେ ପଇଠ ହୋଇଥିବା ଜମାରାଶି ବ୍ୟାଜାପ୍ତ କରିବାର କ୍ଷମତା, କ୍ଷମତାପ୍ରାପ୍ତ ଅଧିକାରୀଙ୍କ ରହିବ ।
13. ଲିଜଧାରୀ ସଇରାତ ନକ୍ସା ଅନୁଯାଇ ସିମେଣ୍ଟ ଖୁଣ୍ଟ ଦ୍ଵାରା ବାଡ଼ ଦେଇ ଚିହ୍ନଟ କରିବେ ଏବଂ ସମ୍ମୁଖଭାଗରେ ଏକ ଡିସପ୍ଲେ ବୋର୍ଡ ତିଆରିକରି ସେଥିରେ ସଇରାତ ନାମ ନକ୍ସା ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଉଲ୍ଲେଖ କରିବେ । ଏସବୁର ଖର୍ଚ୍ଚ ଲିଜଧାରୀ ବହନ କରିବେ ।
14. ଉପୋରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେଲାପରେ କାର୍ଯ୍ୟାଦେଶ ଦିଆଯିବ । କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଠାରୁ କାର୍ଯ୍ୟାଦେଶ ନ ମିଳିଲା ପର୍ଯ୍ୟନ୍ତ ଲିଜଧାରୀ ସଇରାତ ରୁ ଖଣିଜ ପଦାର୍ଥ ଉଠାଇ ପାରିବେ ନାହିଁ ।
15. ଲିଜ ସମ୍ବନ୍ଧୀୟ ସର୍ତ୍ତାବଳୀ କାର୍ଯ୍ୟାଳୟ ଛୁଟି ଦିନ ବ୍ୟତୀତ ସମସ୍ତ କାର୍ଯ୍ୟ ଦିବସ ରେ ଦେଖିପାରିବେ ।
16. ଯଦି ଉକ୍ତ ଇସ୍ତାହାର ରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ତାହା ସଂଶୋଧନ କରିବାର କ୍ଷମତା, କ୍ଷମତା ପ୍ରାପ୍ତ ଅଧିକାରୀ ଙ୍କ ରହିଅଛି ।
17. ଲିଜ ର ସମସ୍ତ ସର୍ତ୍ତାବଳୀ ପୂରଣ କରୁଥିବା ତଥା ସର୍ବାଧିକ ଅତିରିକ୍ତ ଦେୟ ଘନମୀଟର ପ୍ରତି ଦାଖଲ ପାଇଁ ଆବେଦନ କରିଥିବା ଆବେଦନକାରୀ ଙ୍କୁ ଲିଜ ଦିଆଯିବ ।
18. ସର୍ବୋଚ୍ଚ ଅତିରିକ୍ତ ଦେୟ ଘନମୀଟର ପ୍ରତି ଦାଖଲ ପାଇଁ ଦରଖାସ୍ତ କରିଥିବା ଆବେଦନକାରୀ ଲିଜ ନ ନେଲେ ତତପରବର୍ତ୍ତୀ ଆବେଦନ କାରୀ ଙ୍କୁ ସୁଯୋଗ ଦିଆଯିବ।
19. ଯଦି ଦୁଇଜଣ ଆବେଦେନକାରୀ ଙ୍କ ଅତିରିକ୍ତ ଦେୟ ମୂଲ୍ୟାଙ୍କ ସମାନ ହୁଏ ତେବେ ଧର୍ମଗୁଳା ସାହାଯ୍ୟ ରେ ଲିଜ ପଟାଦାର ଚୟନ କରାଯିବ ।
20. ଯୋଗ୍ୟ ବିବେଚିତ ବ୍ୟକ୍ତି ଙ୍କୁ ସଇରାତ ଉତ୍ସ ପାଇଁ ଘନମୀଟର ପିଛା ନିର୍ଦ୍ଧାରିତ ରୟାଲିଟି ସହ ଅତିଟିକ୍ତ ଦେୟ, ଡେଡ ରେଣ୍ଟ (ହେକ୍ଟର ଅନୁଯାୟୀ ଧାର୍ଯ୍ୟ ) ପୃଷ୍ଟ ଭୂମି ଖଜଣା (ହେକ୍ଟର ଅନୁଯାୟୀ ଧାର୍ଯ୍ୟ ), ଜିଲ୍ଲା ଖଣିଜ ଉନ୍ନୟନ ପାଣ୍ଠି ଦେୟ @ ୧୦% (ରୟାଲିଟି ଓ ଅତିଟିକ୍ତ ଦେୟ ର), ପରିବେଶ ଉନ୍ନୟନ ପାଣ୍ଠି @୫% (ରୟାଲିଟି ଓ ଅତିଟିକ୍ତ ଦେୟ ର), ଆୟକର @୨%(ରୟାଲିଟି ଓ ଅତିଟିକ୍ତ ଦେୟ ର ) ପ୍ରତେକ ଆର୍ଥିକ ବର୍ଷ ଉତ୍ସ ପରିଚାଳନା ପୂର୍ବରୁ ଏକକାଳୀନ ପଇଠ କରିବାକୁ ହେବ ।

21. ଲିଜ ଧାରି Mines Act'1952 ଏବଂ Explosive Act' 1984 ର ସମସ୍ତ ନିୟମକୁ ସର୍ତ୍ତାବଳୀର ଅନ୍ତର୍ଭୁକ୍ତ ରହିବେ ।
22. ଦରଖାସ୍ତ ରେ କେବଳ ଲଘୁ ଖଣିଜ ଦ୍ରବ୍ୟ ର ଘନମୀଟର ପିଛା ଅତିରିକ୍ତ ଦେୟ ସ୍ପଷ୍ଟ ଭାବେ ଉଲ୍ଲେଖ ଥିବା ଆବଶ୍ୟକ।
23. ସଫଳ ଆଦେଶିକ ସମୟ ସୀମା ମଧ୍ଯରେ ଅନୁମୋଦିତ Mining Plan ଓ ପରିବେଶ ବିକାଶ ଦାଖଲ ପରେ ଲିଜ ପଞ୍ଜୀକରଣ (Confirm) କରିଯିବ ଏବଂ ଲୀଜ ଏଗ୍ରୀମେଣ୍ଟ ଆସିବା ସହ ରୟାଲିଟି କିମ୍ବା ଡେଡ ରେଣ୍ଟ ଯେଉଁଟା ଅଧିକ, ପୃଷ୍ଟଭୁମି ଖଜଣା ଅତିରିକ୍ତ ଦେୟ ଜିଲ୍ଲା ଲଘୁ ଖଣିଜ ପାଣ୍ଠି ,ପରିବେଶ ପରିଚାଳନା ପାଣ୍ଠି  ସହିତ ଆୟ କର ପଇଠ କରିବାକୁ ପଡିବ ।

ଦ୍ରଷ୍ଟବ୍ୟ : ଦୀର୍ଘମିଆଦି ସୂତ୍ରେ ( ୫ ବର୍ଷ ) ଦେବାକୁ ଥିବା ଖଣିଜ ଉତ୍ସ ର ଏକ ତାଲିକା ଦିଆଯାଇଅଛି ।

24. ଲିଜ ଧାରୀ ଏକ ସ୍ଵତନ୍ତ୍ର ରେଜିଷ୍ଟର ରେ ପ୍ରତ୍ୟେକ ଦିନ ଉତ୍ତୋଳନ ଓ ପରିବହନ ହେଉଥିବା ଲଘୁ ଖଣିଜ ଦ୍ରବ୍ୟ ହିସାବ ଲିପିବଦ୍ଧ କରିବା ସହ ପଦାର୍ଥ ଉତ୍ତୋଳନ ଓ ପରିବହନ ତ୍ରୟମାସିକ ହିସାବ ଏହି କାର୍ଯ୍ୟାଳୟ ରେ ଦାଖଲ କରିବେ ।
25. ଟେଣ୍ଡର ପାଇଁ ବିଜ୍ଞାପନ, ମାଇନିଙ୍ଗ ପ୍ଲାନ ଓ ପରିବେଶ ମଞ୍ଜୁରୀ ର ସମସ୍ତ ଖର୍ଚ୍ଚ ସଫଳ ନିଲାମଧାରୀ ମାନେ ବହନ କରିବେ ।
26. ସରକାରୀ ରୟାଲିଟି ଅତିରିକ୍ତ ଦେୟ ବାବଦରେ ଧାର୍ଯ୍ୟ ଦର ଠାରୁ କମ ଦରରେ ଦରଖାସ୍ତ କରିଥିବା ଦରଖାସ୍ତ କାରୀ ଙ୍କ ଏମ –ଫର୍ମ ଖାରଜ କରାଯିବ ।

10/6/22

ତହସିଲଦାର, ବୌଦ୍ଧ
TAHASILDAR BOUDH

ଜ୍ଞାପକ ସଂଖ୍ୟା 2361  ତାରିଖ 10.06.2022

ଏହାର ନକଲ ତହସିଲ ବିଜ୍ଞାପନ ବୋର୍ଡ/ ସମସ୍ତ ରାଜସ୍ଵ ନିରିକ୍ଷକ/ ବୌଦ୍ଧ ତହସିଲ ଅନ୍ତର୍ଗତ ସମସ୍ତ ଗ୍ରାମପଞ୍ଚାୟତର ସରପଞ୍ଚ/ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବୌଦ୍ଧ ପଞ୍ଚାୟତ ସମିତିଙ୍କ ଅବଗତି ତଥା ଇସ୍ତାହାର ବହୁଳ ପ୍ରଚାର ନିମନ୍ତେ ପ୍ରେରଣ କରାଗଲା ।

10/6/22

ତହସିଲଦାର, ବୌଦ୍ଧ
TAHASILDAR BOUDH

ଜ୍ଞାପକ ସଂଖ୍ୟା 2362  ତାରିଖ 10.06.2022

ଏହାର ଏକାକିତା ନକଲ ଜିଲାପାଳ, ବୌଦ୍ଧ/ ଉପ-ଜିଲ୍ଲାପାଳ, ବୌଦ୍ଧଙ୍କ ଅବଗତି ତଥା ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

10/6/22

ତହସିଲଦାର, ବୌଦ୍ଧ
TAHASILDAR BOUDH

ଜ୍ଞାପକ ସଂଖ୍ୟା 2363  ତାରିଖ 10.06.2022

ଏହାର ଏକାକିତା ନକଲ ଡି.ଆଇ.ଓ, ଏନ.ଆଇ.ସି, ବୌଦ୍ଧଙ୍କ ଅବଗତି ତଥା ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

10/6/22

ତହସିଲଦାର, ବୌଦ୍ଧ
TAHASILDAR BOUDH

ଜ୍ଞାପକ ସଂଖ୍ୟା 2364  ତାରିଖ 10.06.2022

ଏହାର ଏକାକିତା ନକଲ ସମସ୍ତ ରାଜସ୍ଵ ନିରୀକ୍ଷକ, ତହସିଲ, ବୌଦ୍ଧ ଙ୍କ ଅବଗତି ତଥା ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

10/6/22

ତହସିଲଦାର, ବୌଦ୍ଧ

TAHASILDAR BOUDH